ଆରବିଆଇ/ ୨୦୦୫-୦୬/ ୧୯୬
ଡିବିଓଡି ନଂ. ଆଇବିଡି. ବିସି.୬୬୩/ ୨୩.୬୭.୦୦୧/ ୨୦୦୫-୦୬,

ନଭେମ୍ବର ୨, ୨୦୦୫

**ସମସ୍ତ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କର ସଭାପତି ଓ ମୁଖ୍ୟ କାର୍ଯ୍ୟନିର୍ବାହୀ**
(ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ବ୍ୟତୀତ)

ପ୍ରିୟ ମହାଶୟ

**ସ୍ୱର୍ଣ୍ଣ ଅଳଙ୍କାର ଓ ଗହଣା ଉପରେ ଅଗ୍ରୀମ**

ଉପରୋକ୍ତ, ଶୀର୍ଷକ ବିଷୟରେ ପୂର୍ବରୁ ଦୟାକରି ଆମର ୧୯୯୪, ନଭେମ୍ବର ୨୨ ତାରିଖରେ ଜାରି କରାଯାଇଥିବା ଇସ୍ତାହାର ଡିବିଓଡି ନଂ. ବିପି.ବିସି. ୧୩୮/ ୨୧.୦୧.୦୨୩/ ୯୪ ଓ ଅନୁରୂପ ଇସ୍ତାହାରଗୁଡିକ ତୁରନ୍ତ ତଥ୍ୟ ପ୍ରାପ୍ତି ନିମନ୍ତେ ଦେଖନ୍ତୁ ।

୨. ଆପଣ ଜାଣନ୍ତି ଯେ, ସୁନା ଗହଣାରେ କେତେ କ୍ୟାରେଟର ସୁନା ବ୍ୟବହୃତ ହୋଇଛି, ତାର ଉଜ୍ଜ୍ୱଳତା ଓ ଶୁଦ୍ଧତା ତଥା ବିଶୁଦ୍ଧତାର ଚିହ୍ନ ଗହଣା ଉପରେ ଥିବା ହଲମାର୍କ ସୁନିଶ୍ଚିତ କରେ । ସୁତରାଂ, ବ୍ୟାଙ୍କମାନେ ହଲମାର୍କଯୁକ୍ତ ଗହଣା ଉପରେ ଅଗ୍ରିମ ପରିମାଣ ନିରୂପଣ କରିବା ନିରାପଦ ଓ ସୁବିଧାଜନକ । ବ୍ୟାଙ୍କମାନେ ଋଣ ପ୍ରଦାନ କରିବା ସମୟରେ ହଲମାର୍କଯୁକ୍ତ ଗହଣାକୁ ଅଧିକ ପସନ୍ଦ କରିବା ଫଳରେ ହଲମାର୍କିଙ୍ଗ୍ ପଦ୍ଧତିକୁ ପ୍ରୋତ୍ସାହନ ମିଳିବ, ଯାହା ଉପଭୋକ୍ତା, ଋଣଦାତା ଓ ଉଦ୍ୟୋଗ ପାଇଁ ଲାଭଦାୟକ ହେବ ।

୩. ସୁତରାଂ, ଗହଣାଗାଣ୍ଠି ଉପରେ ଅଗ୍ରିମ ମଂଜୁର କରିବା ସମୟରେ ବ୍ୟାଙ୍କମାନେ ବିଚାରପୂର୍ବକ ହଲମାର୍କଯୁକ୍ତ ଗହଣାର ବିଶେଷତ୍ୱ ପ୍ରତି ଧ୍ୟାନ ଦେବେ ଏବଂ ଋଣ ପରିମାଣ ଓ ସୁଧହାର ଉପରେ ସେହି ଅନୁସାରେ ନିଷ୍ପତ୍ତି ନେବେ ।

୪. ସୁନା ଅଳଙ୍କାର ଓ ଗହଣାଗାଣ୍ଠି ଉପରେ ଅଗ୍ରିମ ମଂଜୁରୀ ସମ୍ପର୍କିତ ଅନ୍ୟାନ୍ୟ ନୀତିନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଛି ।

ଆପଣଙ୍କ ବିଶ୍ୱସ୍ତ

(ପି.ସରନ୍)
ମୁଖ୍ୟ ମହା-ପରିଚାଳକ